# ଜିଲ୍ଲା ପରିଷଦ, ଯାଜପୁର

**Ph. No.06728/222054, Fax -06728-222054**
**Email ID- ori-djajpur@od.gov.in, Dist. Website- https://jajpur.odisha.gov.in**

ପତ୍ରସଂଖ୍ୟା ୪୦୩ / ତା ୩୧-୦୧-୨୦୨୬

## ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ପଂଚାୟତି ରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୭୯୯ ତା୦୭.୦୧.୨୦୨୬ ଏବଂ ପତ୍ରସଂଖ୍ୟା ୨୨୯୧ ତା୨୮.୦୧.୨୦୨୫ ଅନୁଯାୟୀ – **"ବିକଶିତ ଗାଁ ବିକଶିତ ଓଡ଼ିଶା (BGBO) ଯୋଜନା"** ଅଧିନରେ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଗ୍ରାମାଂଚଳର ବିଭିନ୍ନ ବିକାଶ ଓ ଉନ୍ନୟନ ମୂଳକ କାର୍ଯ୍ୟର ବାର୍ଷିକ ପ୍ରକଳ୍ପ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ନିମନ୍ତେ ସମସ୍ତ ପି.ଆର.ଆଇ ସଦସ୍ୟ, ନିର୍ବାଚିତ ଜନପ୍ରତିନିଧି ଓ ନାଗରିକ ସମାଜ ସଦସ୍ୟଙ୍କ ଠାରୁ ଯାଜପୁର ଜିଲ୍ଲାର ବକେୟା ୧ ଗୋଟି ବ୍ଲକ (ଯାଜପୁର ବ୍ଲକ) ନିମନ୍ତେ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତାବ ତାଲିକା ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁରଙ୍କ ଦ୍ୱାରା ଆହ୍ୱାନ କରାଯାଉଛି ।

ଯାଜପୁର ବ୍ଲକ ଅଧିନସ୍ଥ ଏହି ପ୍ରକଳ୍ପ ପ୍ରସ୍ତାବ ତାଲିକା, ଜିଲ୍ଲାପାଳ, ଯାଜପୁରଙ୍କୁ ସମ୍ବୋଧିତ କରି ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁରଙ୍କ ନିକଟରେ **ତା୦୨.୦୨.୨୦୨୬ ରିଖରୁ ତା୦୮.୦୨.୨୦୨୬ ରିଖ** ମଧରେ ଦାଖଲ କରିବା ପାଇଁ ଅନୁରୋଧ ।

ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଯାଜପୁର

ପରିପତ୍ର ସଂଖ୍ୟା ୪୦୪/ତା ୩୧.୦୧.୨୦୨୬
ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର/ଜିଲ୍ଲା ପଂଚାୟତ ଅଧିକାରୀ, ଯାଜପୁରଙ୍କ ଅବଗତି ଏବଂ ସଂପୃକ୍ତ ବ୍ଲକ ଓ ଗ୍ରାମ ପଂଚାୟତ ନୋଟିସ୍ ବୋର୍ଡ଼ରେ ଉକ୍ତ ନୋଟିସ୍‌କୁ ସ୍ଥାନିତ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା ।

ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଯାଜପୁର

ପରିପତ୍ର ସଂଖ୍ୟା ୪୦୫/ତା ୩୧.୦୧.୨୦୨୬
ଏହାର ଏକକିତା ନକଲ ଶାସନ ସଚିବ, ପଂଚାୟତି ରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ-ତଥା-ମୁଖ୍ୟ ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଯାଜପୁର

# ZILLA PARISHAD, JAJPUR

Ph. No.-06728-222054/Fax No.-06728-222054
E-mail ID – ori-djajpur@od.gov.in Dist. Website – https://jajpur.odisha.gov.in

**Letter No. 509 / Date 31.01.2026**

To

**The Block Development Officer,**
**Jajpur.**

Sub: Publication of notice in the Notice Board of Block and Gram Panchayats for inviting project proposals under BGBO for the year 2024-25 from the PRI Members, Elected Representatives & Civil Society Members of Jajpur district.

Ref: Letter No. 799 dtd.07.01.2026 of Govt. in PR & DW Deptt.

Sir,

In inviting a reference to the letter on the subject cited above, I am to say that, the Notice No.503 dt.31.01.2026 for inviting project proposals under Bikashita Gaon Bikashita Odisha (BGBO) for the year 2024-25 from the PRI Members, Elected Representatives & Civil Society Members in respect of Jajpur Block is enclosed herewith for publication of the Notice in your Office Notice Board as well as the Notice Board of GP Offices of your Block for wide publicity.

An acknowledgement to this office shall be intimated to the undersigned at the earliest.

Yours faithfully,

Encl.- As above.

31/1/26

**C.D.O-cum-Executive Officer**
**Zilla Parishad, Jajpur.**

Memo No. 510 /Dt. 31.01.2026

Copy to DPO, Jajpur for information and necessary action. He is requested to ensure publication of the Notice in the Notice Board of Gram Panchayats under Jajpur Block positively.

31/1/26

**C.D.O-cum-Executive Officer**
**Zilla Parishad, Jajpur.**

Memo No. 511 /Dt. 31.01.2026

Copy to O.S.D to Collector, Jajpur for kind information of the Collector.

31/1/26

**C.D.O-cum-Executive Officer**
**Zilla Parishad, Jajpur.**

Memo No. 512 /Dt. 31.01.2026

Copy submitted to the Director, Special Projects, PR & DW Deptt. for kind information.

31/1/26

**C.D.O-cum-Executive Officer**
**Zilla Parishad, Jajpur.**

# ZILLA PARISHAD, JAJPUR

Ph. No.-06728-222054/Fax No.-06728-222054
E-mail ID - ori-djajpur@od.gov.in Dist. Website - https://jajpur.odisha.gov.in

3

**Letter No.** 359 **/ Date** 22.01.26 E. Mail 28/01/26

## OFFICE ORDER

In pursuance of Resolution No.799 dt.07.01.2026 of the Govt. in PR & DW Department, Odisha, District Level Committee comprising of the following Officers of Jajpur District are hereby constituted under the Chairmanship of Collector-cum-Chief Executive Officer, Zilla Parishad, Jajpur as per the modified guidelines under Bikashita Gaon Bikashita Odisha (BGBO) Scheme. The District level committee, after receipt of the project list from the Gram Sabha and considering all the proposals received from PRI Members, Elected Representatives & Civil Society Members will scrutinize the admissibility and feasibility of the projects as per local need & priority keeping in view of the financial allocation for the financial year. The list of finalized projects shall be placed by the committee for approval by the Collector.

| | | | |
|---|---|---|---|
| 1. | Collector-cum-CEO, Zilla Parishad, Jajpur | : | Chairperson |
| 2. | CDO-cum-EO, Zilla Parishad, Jajpur | : | Member Convener |
| 3. | ADM (General), Jajpur | : | Member |
| 4. | S.E, RWD-I, Jajpur | : | Member |
| 5. | S.E, RWD-II, Jarka | : | Member |
| 6. | Addl. E.O.(Tech.), Zilla Parishad | : | Member |

Sd/- 20/1/2026
Collector-cum-CEO
Zilla Parishad, Jajpur

Memo No. 360 /Dt. 22.01.26
Copy to the Officers concerned for information and necessary action.

Sd/- 20/1/2026
Collector-cum-CEO
Zilla Parishad, Jajpur

Memo No. 361 /Dt. 22.01.26
Copy to all Sections/Addl.E.O.(Admn.)-cum-Nodal Officer/Dy. E.O.(Tech.), Zilla Parishad, Jajpur for information and necessary action.

Sd/- 20/1/2026
Collector-cum-CEO
Zilla Parishad, Jajpur

Memo No. 362 /Dt. 22.01.26
Copy to all BDOs of Jajpur District for information and necessary action.

Sd/- 20/1/2026
Collector-cum-CEO
Zilla Parishad, Jajpur

Memo No. 363 /Dt. 22.01.26
Copy submitted to the Director (Special Projects), Panchayati Raj & DW Department for favour of kind information.

Sd/- 20/1/2026
Collector-cum-CEO
Zilla Parishad, Jajpur

I/B
Please Despatch
BM 07/01/26

OFFICE OF THE ZILLA PARISHAD
RECEIVED
08 JAN 2026

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
Government of Odisha
Panchayati Raj & D.W Department

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

No: 799 /PR&DW
PTS-PR-SFC-SCHEME-0006-2024
Dated: 07/01/2026

# RESOLUTION

**Subject: Modification to the Guidelines for "Bikashita Gaon Bikashita Odisha" Scheme.**

To promote active citizens participation, simplify project selection and to ensure construction of long-term assets for community, the resolution to operational guidelines of the "Bikashita Gaon Bikashita Odisha" scheme issued vide No. 2291/PR&DW, dated 28.01.2025 is hereby modified as follows:

**(A) Substitution of Para 7 (Selection of Projects) with the following.**

A participatory process, involving Gram Sabhas, will ensure that projects address real community needs.

7.1- A need based project list as per the financial allotment for concerned financial year shall be prepared by the Gram Sabha. The Nodal officer of the block attending the Gram Sabha shall forward the project list immediately to the Collector.

7.2- Every year, the Collector shall seek proposals also from PRI members, elected representatives and civil society members by publishing a notice in the notice board of the Collectorate, Zilla Parishad, Block, GPs and in the District web portal. All such projects addressed to the Collector shall be submitted within 07 days of publication of notice.

**(B) Substitution of Para 8 (Approving Authority) with the following.**

8.1- There will be a District Level Committee under the chairmanship of the Collector-cum- Chief Executive Officer. Chief Development Officer-cum-Executive Officer, Zilla Parishad of the concerned District will act as Member-Convener with Additional District Magistrate (General), SE/EE of the Rural Development Department and APD, Technical Zilla Parishad as the members.

8.2- The District Level Committee; after receipt of the project list from the Gram Sabha and considering all the proposals received as per Para 7.2 will scrutinize the admissibility and feasibility of the projects and finalize the projects as per local need & priority keeping in view of the financial allocation for the financial year.

8.3- List of the finalized projects will be approved by the Collector of the concerned District.

8.4- Administrative approval and Technical sanction shall be accorded as per Panchayat Samiti Accounting Procedure Rules, 2002 and subsequent amendments made therein from time to time.

**(C) Insertion of a new Para 11-A (Defect Liabilities)**

11.A- For all projects with an estimated cost exceeding Rs.10.00 lakh, a Defect Liability Period (DLP) of 03 (three) years shall be applicable from the date of completion and handing over the projects. During this period, the executants shall be solely responsible for the proper upkeep and maintenance of the works at his own cost, ensuring that any defects, damages, or deficiencies arising from workmanship, materials or design are promptly rectified, without imposition of any additional financial implication to the client or authority.

**(D) Resolution (Addendum) No. 6765 dated 11.03.2025 and Corrigendum No. 8142 dated 25.03.2025 thereto are hereby withdrawn.**

**The above modifications to the "Bikashita Gaon Bikashita Odisha" Scheme guidelines shall come into effect from the date of publication of this resolution.**

**By Order of the Governor,**

**Commissioner-cum-Secretary to Govt.**

Memo No. 800 / PR & DW, Date: 07/01/26

Copy forwarded to the Private Secretary to Hon'ble Chief Minister/ Hon'ble Minister, Panchayati Raj & Drinking Water, Odisha / All other Hon'ble Ministers / Chief Secretary, Odisha / Development-Commissioner-cum-ACS for kind information of Hon'ble Chief Minister/ Hon'ble Minister, Panchayati Raj & Drinking Water Department/ all other Hon'ble Ministers/ Chief Secretary, Odisha / Development-Commissioner-cum-ACS.

07/01/26
Joint Secretary to Government

Memo No. 801 / PR & DW, Date: 07/01/26

Copy forwarded to the Private Secretary to Commissioner-cum-Secretary, Panchayati Raj & Drinking Water Department for kind information of Commissioner-cum-Secretary, Panchayati Raj & Drinking Water Department/ All Directors and Departmental officers of Panchayati Raj & Drinking Water Department for kind information.

07/01/26
Joint Secretary to Government

Memo No. 802 / PR & DW, Date: 07/01/26

Copy forwarded to All Departments of Government/ All other Heads of Departments for kind information & necessary action.

07/01/26
Joint Secretary to Government

Memo No. 803 / PR & DW, Date: 07/01/26

Copy forwarded to All RDCs/All Collectors/ All CDOs-cum-Eos, Zilla Parishad/All BDOs for kind information & necessary action.

07/01/26
Joint Secretary to Government

Memo No. 804 / PR & DW, Date: 07/01/26

Copy forwarded to all Branch Officers / all Sections of Panchayati Raj & Drinking Water Department (Guard files (10 copies)) for kind information & necessary action.

07/01/26
Joint Secretary to Government

Memo No. 805 / PR & DW, Date: 07/01/26

Copy forwarded to Director, Printing, Stationary & Publication, Odisha Cuttack with a request to publish this resolution in an extra-ordinary issue of Odisha Gazette and supply 100 copies to this Department.

07/01/26
Joint Secretary to Government

## ZILLA PARISHAD, JAJPUR

**Memo No. 95 /Dt. 08.01.2026**

Copy to all BDOs of Jajpur District for information and necessary action.

8.1.26
CDO-cum-Executive Officer
Zilla Parishad, Jajpur

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
Government of Odisha
Panchayati Raj & D.W Department

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

ସଂଖ୍ୟା : [illegible] /PR & DW ତା. ୦୩/01/୨୦୨୫ ରିଖ
PTS-PR-SFC-SCHEME-0006-2024

# ସଂକଳ୍ପପତ୍ର

**ବିଷୟ: "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ପାଇଁ ନିର୍ଦ୍ଦେଶାବଳୀରେ ସଂଶୋଧନ ।**

ସକ୍ରିୟ ନାଗରିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ପ୍ରକଳ୍ପ ଚୟନ ପ୍ରକ୍ରିୟାର ସରଳୀକରଣ, ଦୀର୍ଘକାଳୀନ ଗୋଷ୍ଠୀ ସମ୍ପଦର ନିର୍ମାଣ ତଥା ଗୁଣବତ୍ତା ସୁନିଶ୍ଚିତ କରିବା ନିମନ୍ତେ " ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାର ପ୍ରଚଳିତ ନିର୍ଦ୍ଦେଶାବଳୀ (ସଂକଳ୍ପ ସଂଖ୍ୟା ୨୨୯୧/ପଞ୍ଚାୟତିରାଜ ଓ ପାନୀୟ ଜଳ ତା. ୨୮.୦୧.୨୦୨୫ ରିଖ ) ନିମ୍ନଲିଖିତ ଭାବରେ ସଂଶୋଧନ କରାଯାଉଛି।

**(କ) ଅନୁଚ୍ଛେଦ ୭ (ପ୍ରକଳ୍ପ ଚୟନ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।**

ଗ୍ରାମସଭା ସହିତ ସମସ୍ତଙ୍କ ସହଭାଗିତାରେ ସର୍ବସାଧାରଣଙ୍କ ପ୍ରକୃତ ଆବଶ୍ୟକତାଗୁଡ଼ିକୁ ପୂରଣ କରିପାରୁଥିବା ପ୍ରକଳ୍ପଗୁଡ଼ିକର ଚୟନ କରାଯିବ ।

୭.୧- ସମ୍ପୃକ୍ତ ଆର୍ଥିକ ବର୍ଷ ପାଇଁ ଆର୍ଥିକ ଆବଣ୍ଟନ ଅନୁଯାୟୀ ଏକ ଆବଶ୍ୟକତା ଆଧାରିତ ପ୍ରକଳ୍ପ ତାଲିକା ଗ୍ରାମସଭା ଦ୍ୱାରା ପ୍ରସ୍ତୁତ କରାଯିବ । ଗ୍ରାମସଭାରେ ଯୋଗ ଦେଇଥିବା ବ୍ଲକର ନୋଡାଲ ଅଧିକାରୀ ପ୍ରକଳ୍ପ ତାଲିକାକୁ ତୁରନ୍ତ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରିବେ ।

୭.୨- ସମ୍ପୃକ୍ତ ଜିଲ୍ଲାପାଳ ପ୍ରତିବର୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଜିଲ୍ଲା ପରିଷଦ, ବ୍ଲକ, ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡ ଏବଂ ଜିଲ୍ଲା ୱେବପୋର୍ଟାଲରେ ଏକ ନୋଟିସ୍ ପ୍ରକାଶ କରି ପି.ଆର୍.ଆଇ. ସଦସ୍ୟ, ନିର୍ବାଚିତ ପ୍ରତିନିଧି ଏବଂ ନାଗରିକ ସମାଜ ସଦସ୍ୟଙ୍କଠାରୁ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତାବ ଆମନ୍ତ୍ରଣ କରିବେ । ଏହି ସମସ୍ତ ପ୍ରକଳ୍ପଗୁଡ଼ିକ ଜିଲ୍ଲାପାଳଙ୍କୁ ସମ୍ବୋଧିତ କରାଯାଇ ନୋଟିସ ପ୍ରକାଶନର ୦୭ ଦିନ ମଧ୍ୟରେ ଦାଖଲ କରାଯିବ ।

**(ଖ) ଅନୁଚ୍ଛେଦ ୮ (ଅନୁମୋଦନକାରୀ କର୍ତ୍ତୃପକ୍ଷ) ନିମ୍ନମତେ ପ୍ରତିସ୍ଥାପନ କରାଗଲା ।**

୮.୧ – ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କମିଟି ରହିବ। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ; ସଦସ୍ୟ-ସଂଯୋଜକ ଭାବରେ କାର୍ଯ୍ୟ କରିବେ। ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ); ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ (ଏସ୍.ଇ)/ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ଜିଲ୍ଲା ପରିଷଦର ଏ.ପି.ଡି., ବୈଷୟିକ ସଦସ୍ୟ ଭାବରେ କାର୍ଯ୍ୟ କରିବେ।

୮.୨ - ଗ୍ରାମସଭାରୁ ପ୍ରକଳ୍ପ ତାଲିକା ପ୍ରାପ୍ତ ହେବା ପରେ ଏବଂ ପାରା ୭.୨ ଅନୁଯାୟୀ ପ୍ରାପ୍ତ ସମସ୍ତ ପ୍ରସ୍ତାବଗୁଡ଼ିକୁ ବିଚାର କରି ଜିଲ୍ଲା ସ୍ତରୀୟ କମିଟି ପ୍ରକଳ୍ପଗୁଡ଼ିକର ଗ୍ରହଣୀୟତା ଏବଂ ସମ୍ଭାବ୍ୟତା ଯାଞ୍ଚ କରିବ ଏବଂ ଆର୍ଥିକ ବର୍ଷର ଆର୍ଥିକ ଆବଣ୍ଟନକୁ ଦୃଷ୍ଟିରେ ରଖି ସ୍ଥାନୀୟ ଆବଶ୍ୟକତା ଏବଂ ପ୍ରାଥମିକତା ଅନୁଯାୟୀ ପ୍ରକଳ୍ପଗୁଡ଼ିକୁ ଚୂଡ଼ାନ୍ତ କରିବ।

୮.୩ - ଚୂଡ଼ାନ୍ତ ପ୍ରକଳ୍ପଗୁଡ଼ିକର ତାଲିକା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଯିବ।

୮.୪ - ପଞ୍ଚାୟତ ସମିତି ହିସାବ ପ୍ରକ୍ରିୟା ନିୟମ, ୨୦୦୨ ଏବଂ ପରବର୍ତ୍ତୀ ସମୟରେ ସେଥିରେ କରାଯାଇଥିବା ସଂଶୋଧନ ଅନୁଯାୟୀ ପ୍ରଶାସନିକ ଅନୁମୋଦନ ଏବଂ ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

**(ଗ) ଅନୁଚ୍ଛେଦ ୧୧-କ (ତ୍ରୁଟି ଦାୟିତ୍ୱ ଅବଧି) ଅନ୍ତର୍ଭୁକ୍ତ କରାଗଲା ।**

୧୧-କ- ୧୦ ଲକ୍ଷ ଟଙ୍କାରୁ ଅଧିକ ଆନୁମାନିକ ମୂଲ୍ୟ ଥିବା ସମସ୍ତ ପ୍ରକଳ୍ପ ପାଇଁ, ପ୍ରକଳ୍ପଗୁଡ଼ିକ ସମାପ୍ତ ହେବା ଏବଂ ହସ୍ତାନ୍ତର ହେବା ତାରିଖରୁ ୦୩ (ତିନି) ବର୍ଷର ଏକ ତ୍ରୁଟି ଦାୟିତ୍ୱ ଅବଧି (Defect Liability Period) ପ୍ରଯୁଜ୍ୟ ହେବ। ଏହି ସମୟ ମଧ୍ୟରେ, କାର୍ଯ୍ୟ ନିର୍ବାହୀମାନେ ନିଜ ଖର୍ଚ୍ଚରେ କାର୍ଯ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ନିଶ୍ଚିତ କରିବେ ଏବଂ ରକ୍ଷଣାବେକ୍ଷଣ ପାଇଁ ସମ୍ପୂର୍ଣ୍ଣ ଭାବରେ ଦାୟୀ ରହିବେ । ଏଥି ସହିତ କାରିଗରୀ, ସାମଗ୍ରୀ କିମ୍ବା ଡିଜାଇନ୍ ରୁ ସୃଷ୍ଟି ହେଉଥିବା ଯେକୌଣସି କ୍ଷତି କିମ୍ବା ତ୍ରୁଟିକୁ କ୍ଲାଏଣ୍ଟ କିମ୍ବା କର୍ତ୍ତୃପକ୍ଷଙ୍କ ଉପରେ କୌଣସି ଅତିରିକ୍ତ ଆର୍ଥିକ ପ୍ରଭାବ ନ ପକାଇ ତୁରନ୍ତ ସଂଶୋଧନ କରିବା ସୁନିଶ୍ଚିତ କରାଇବେ ।

(ଘ) ଏତଦ୍ ଦ୍ୱାରା ସଂକଳ୍ପନାମା (ସଂଯୋଜକ) ସଂଖ୍ୟା . ୬୭୬୫ ତା ୧୧.୦୩.୨୦୨୫ ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା ୮୧୪୨ ତା. ୨୫.୦୩.୨୦୨୫ ରିଖ ପ୍ରତ୍ୟାହାର କରାଯାଉଅଛି।

"ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା ନିର୍ଦ୍ଦେଶାବଳୀରେ ଉପରୋକ୍ତ ପରିବର୍ତ୍ତନ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ପ୍ରକାଶନ ତାରିଖରୁ କାର୍ଯ୍ୟକାରୀ ହେବ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

[signature]

କମିଶନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୦ /ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୧/୨୦୨୨ ରିଖ

ଏହାର ଏକକିତା ନକଲ ବ୍ୟକ୍ତିଗତ ସଚିବ, ମାନ୍ୟବର ମୁଖ୍ୟମନ୍ତ୍ରୀ/ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ /ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ/ମୁଖ୍ୟ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ/ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ/ ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ /ମୁଖ୍ୟ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ
୩/୧/୨୨

ଜ୍ଞାପକ ସଂଖ୍ୟା ୮୦୧ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୧/୨୦୨୨ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ/ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ ୩/୧/୨୨

ଜ୍ଞାପକ ସଂଖ୍ୟା ୮୦୨ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୧/୨୦୨୨ ରିଖ

ଏହାର ଏକକିତା ନକଲ ସରକାରଙ୍କ ସମସ୍ତ ବିଭାଗ/ବିଭାଗୀୟ ମୁଖ୍ୟଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ ୩/୧/୨୨

ଜ୍ଞାପକ ସଂଖ୍ୟା ୮୦୩ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୧/୨୦୨୨ ରିଖ

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ କମିଶନର/ ସମସ୍ତ ଜିଲ୍ଲାପାଳ/ ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ସମସ୍ତ ବିଡିଓଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ ୩/୧/୨୨

ଜ୍ଞାପକ ସଂଖ୍ୟା ୮୦୪ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମସ୍ତ ଅଫିସର/ ସମସ୍ତ ଉପବିଭାଗକୁ (ଗାର୍ଡ ଫାଇଲ ୧୦ ନକଲ ) ସେମାନଙ୍କ ଗୋଚରାର୍ଥେ ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେପ୍ରେରଣ କରାଗଲା ।

ଯୁଗ୍ମ ଶାସନ ସଚିବ

ଜ୍ଞାପକ ସଂଖ୍ୟା ୮୦୫ / ପି. ଆର୍ ଆଣ୍ଡ ଡି.ଡବ୍ଲ୍ୟୁ ତା. ୦୩/୦୮/୨୦୨୨ ରିଖ

ଏହାର ଏକକିତା ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, କଟକ ଓଡିଶାଙ୍କୁ ପରବର୍ତ୍ତୀ ଅତିରିକ୍ତ ସାଧାରଣ ପ୍ରସଙ୍ଗରେ ପ୍ରକାଶ ସହିତ ବିଭାଗକୁ ୧୦୦ କପି ଯୋଗାଇବା ନିମନ୍ତେ ଅନୁରୋଧ କରାଗଲା ।

ଯୁଗ୍ମ ଶାସନ ସଚିବ

ଓଡିଶା ସରକାର
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
**Government of Odisha**
**Panchayati Raj & D.W. Department**

ଓଡିଶା ସଚିବାଳୟ,
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Secretariat, Sachibalaya Marg,
Bhubaneswar-751 001
Fax. 0674-2391413,
E-mail- prsec.or@nic.in

**No.** 2291 /PR&DW, **Date:** 28.01.2025
PR-SFC-SCHEME-0006-2024

## RESOLUTION

**Sub: Guidelines for "Bikashita Gaon Bikashita Odisha" scheme.**

**1. Background:**

Rural infrastructure development is vital for enhancing the quality of life in Rural Odisha and fostering economic growth. In order to boost the rural infrastructure for the holistic development of the State, the State Government has been pleased to launch a transformative umbrella Scheme called "Bikashita Gaon Bikashita Odisha" (ବିକଶିତ ଗାଁ ବିକଶିତ ଓଡ଼ିଶା). The Scheme aims at bridging the critical gaps leading to accelerated and inclusive growth of rural Odisha by taking up various sustainable developmental projects. This will substantially lead to development of varied forms of infrastructure and will act as a gateway to fulfil the objectives of Bikashita Odisha.

**2. Objectives:**

"Bikashita Gaon, Bikashita Odisha" highlights the significance of rural areas in Odisha's economic, social and cultural growth. It recognizes that villages are the backbone of Odisha's economy, with a majority of the population engaged in agriculture and allied activities. Development of Rural Connectivity is critical for economic development and social integration of a State. Therefore, provision of road connectivity to unconnected villages/ habitations to bridge the connectivity gap and development of both inter and intra village roads will be of prime importance under this Scheme. The Scheme also envisages to take up need based community projects for creating durable assets for community.

3. **Key Features: -**

3.1 Construction of roads, bridges, culverts etc. in rural Odisha (both inter and intra village roads) shall be taken up under the Scheme. Unconnected villages/habitations in PVTGs, Naxal dominated, remote hilly areas shall be connected through intra and inter village roads.

3.1.1 The road infrastructure in rural areas which requires improvement shall be included in the project list basing on factors like population density, economic activity and geographical challenges.

3.1.2 Construction of road up to formation level (wherever required) can be taken up in convergence with MGNREGS subject to availability of suitable soil within head lead.

3.1.3 The road projects such as black top road, cement concrete road and paver block roads shall be taken up.

3.1.4 The habitations and villages situated within the reserve forest/forest area having road formation will be improved up to metalling standard.

3.1.5 Funds to be utilized for road projects shall not exceed Thirty-Five percentage (35%) of total allotted funds.

3.1.6 Based on the requirements, standalone cross drainage works with necessary approach road will also be taken up.

3.1.7 The funds will be allocated in such a manner that the road will be completed in all respects within the allotment.

3.1.8 A comprehensive technical guideline will be issued to define the specifications and quality standards for the roads/bridges/culverts to be constructed.

3.2 Construction of civic assets and amenities in villages.

3.2.1 Construction of civic assets like kalyan mandap, community center, bathing ghat, changing room near ponds/river banks, market sheds, construction of drains etc. will be taken up wherever required.

3.2.2 Construction of Bhoga Mandap, Bhagabata Tungi, Cultural Centres etc. will be taken up to provide basic amenities and services for devotees/ pilgrims in the place of worship of all religions. Toilets and water supply

facilities near such projects may be developed out of Swachh Bharat Mission (SBM) and Jal Jeevan Mission (JJM) wherever required.

3.2.3 Construction and rejuvenation of community pond and water harvesting structure will be taken up.

3.3 Improvement of infrastructure for education.

3.3.1 Construction of additional classrooms, modernization and expansion works of the existing infrastructure.

3.3.2 Construction of reading rooms (with cubicles, each cubicle having a small table and chair), with electricity and internet facility and also washroom provision should be taken up in Block Headquarters and other thickly inhabited area. These reading rooms should remain open from 9 am to 9 pm. Students of schools and colleges and pass out students preparing for job examinations should be allowed to read in these reading rooms on payment of nominal charges.

3.4 Development/Construction of sports infrastructure i.e. small outdoor playful and enjoyable physical activity facilities such as Long Jump & High Jump Pit, Rope Climbing, Horizontal Bar for Monkey-Hanging and such low-cost innovative facilities shall be developed.

3.5 Improvement of need based micro tourism spots can also be taken up under this Scheme.

3.6 Maximum upto 5% of the total sanctioned amount can be utilized for new innovative projects for community use.

3.7 Projects of similar nature taken up by PR & DW Department and other Departments can be dovetailed/converged under the Scheme.

3.8 Projects with estimates less than Rupees 3 Lakh shall not be taken up.

3.9 Projects taken up under erstwhile Ama Odisha Nabin Odisha (AONO) can be completed under the new scheme provided minimum 20% (Twenty Percentage) expenditure has been incurred.

**4. Admissibility:**

Eligible projects must meet the following criteria:

4.1 The project should be of developmental nature.

4.2 Recurring expenditure of the projects is not admissible.

**5. Financial Allocation:**

Funds will be allocated strategically, for priority projects and with provisions for underdeveloped and marginalized areas to ensure equitable development.

5.1 Funds will be allocated to Zilla Parishads and subsequently Zilla Parishad will allocate the funds to Blocks/ GPs on the basis of the population of the Block and GP respectively.

5.2 Forty Percent (40%) of the allocation shall be earmarked for ITDA Blocks.

5.3 It should be ensured that, the projects taken up shall be completed in all respect within the allotment.

**6. Source of Funds:**

6.1 The expenditure under this State specific Scheme will be met out of State budget.

6.2 PR & DW Department will make necessary budget provision under this Scheme.

**7. Selection of Projects:**

A participatory process, starting from Gram Sabhas, will ensure that projects address real community needs.

7.1 The need based Five Year Perspective Plan shall be prepared through Gram Sabha and shall be recommended to the Block by the Gram Panchayat.

7.2 Based on the Five Year Perspective Plan, the Annual Action Plan for each financial year shall be prepared by Block.

7.3 The project list will be scrutinised by Technical Committee at Block level basing on feasibility, admissibility and financial limit.

7.4 The Panchayat Samiti shall recommend the scrutinized project list to the District Collector for approval.

**8. Approving Authority:**

8.1 The Five Year Perspective plan, the Annual Action Plan and the list of projects submitted by Panchayat Samiti will be approved by the Collector of the concerned District.

8.2 Administrative approval and technical sanction shall be accorded as per Panchayat Samiti Accounting Procedure Rules, 2002 and subsequent amendment made therein from time to time.

**9. Sanction and Release of Funds :**

9.1 Funds will be released from PR & DW Department to the PL Accounts of the CDO-cum-EO, Zilla Parishad out of which, the CDO-cum-EO, Zilla Parishad shall draw the funds in Grants-in-Aid bill.

9.2 Expenditure towards IEC and programme management activities like convening meetings, Social Audit, Inspection of site, Photograph of projects in different stages, IEC campaigns, data entry, mobility support, MIS, development of web portal, establishment of PMU, procurement of Computer, Printer with scanner and Photo Copiers etc. shall be met out of IEC budget head of Department following due financial procedure.

9.3 Government shall have the power to relax the financial allocation in exceptional cases.

**10. Execution of Projects :**

10.1 Selection of Executing Agency:

10.1.1 The Panchayat Samiti shall execute the work as per Panchayat Samiti Accounting Procedure Rules, 2002 and subsequent amendment made therein from time to time.

10.1.2 The Collectors will select appropriate agencies for execution of the projects. After completion of the projects, the Collectors shall ensure proper maintenance of the assets.

10.1.3 No pro-rata charges are applicable in case of Departmental execution of work.

10.2 Provision of OPWD Code shall be followed for execution of Projects.

10.3 For technical assistance, design and specifications of projects undertaken, the guideline of the concerned Departments will be followed.

**11. Monitoring and Supervision:**

11.1 Measures for regular monitoring and supervision to ensure proper implementation of the Scheme shall be taken at the State and District levels.

11.2 The Collector of the District shall be in overall charge of supervision and monitoring of the progress of work in the District.

11.3 The CDO-cum-EO, Zilla Parishad shall render requisite support and assistance in review and monitoring.

11.4 Regular review shall be taken by the Collector on utilization of funds and progress of work.

11.5 Social Audit shall be conducted for proper monitoring and supervision of each project.

**12. Accountability:**

The durable assets which are created under this Scheme are primarily community based projects. Hence, the community must actively monitor the quality of work and take responsibility for the upkeep and maintenance of these assets.

**13. Utilisation of Fund:**

The CDO-cum-EO, Zilla Parishad shall submit UC to the Government in PR & DW Department in every quarter duly countersigned by the Collector and furnish monthly MIS report about progress of each work.

**14. Transparency:**

14.1 A web based MIS and mobile app shall be developed for real-time monitoring of the projects.

14.2 In order to maintain transparency in execution of projects, different stages of project construction i.e., Before start, Ongoing and Completion, shall be geotagged through mobile app and will be uploaded in the web portal to be developed.

14.3 The Government in Panchayati Raj & Drinking Water Department shall have the authority to issue any clarification needed and also to modify/ change the guideline as and when required. The Guideline will come into force with immediate effect.

**ORDER**

It is ordered that this Resolution be published in the Extra Ordinary Gazette of the Government of Odisha for the general information and copy be communicated to all the Departments of Government/Heads of Departments and others concerned.

By Order of the Governor

28/1/25

Commissioner-cum-Secretary

Memo No. 2292 / PR & DW, Date: 28-01-2025

Copy forwarded to the Private Secretary to Hon'ble Chief Minister/ Hon'ble Minister, Panchayati Raj & Drinking Water, Odisha / All other Hon'ble Ministers / Chief Secretary, Odisha / Development-Commissioner-cum-ACS for kind information of Hon'ble Chief Minister/ Hon'ble Minister, Panchayati Raj & Drinking Water Department/ all other Hon'ble Ministers/ Chief Secretary, Odisha / Development-Commissioner-cum-ACS.

28/01/2025

Director, Special Projects

Memo No. 2293 / PR & DW, Date: 28-01-2025

Copy forwarded to the Private Secretary to Commissioner-cum-Secretary, Panchayati Raj & Drinking Water Department for kind information of Commissioner-cum-Secretary, Panchayati Raj & Drinking Water Department/ All Directors and Departmental officers of Panchayati Raj & Drinking Water Department for kind information.

28/01/2025

Director, Special Projects

Memo No. 2294 / PR & DW, Date: 28-01-2025

Copy forwarded to All Departments of Government/ All other Heads of Departments for kind information & necessary action.

Director, Special Projects 28/01/2025

Memo No. 2295 / PR & DW, Date: 28-01-2025

Copy forwarded to All RDCs/All Collectors/ All CDOs-cum-Eos, Zilla Parishad/All BDOs for kind information & necessary action.

Director, Special Projects 28/01/2025

Memo No. 2296 / PR & DW, Date: 28-01-2025

Copy forwarded to all Branch Officers / all Sections of Panchayati Raj & Drinking Water Department (Guard files (10 copies)) for kind information & necessary action.

Director, Special Projects 28/01/2025

Memo No. 2297 / PR & DW, Date: 28-01-2025

Copy forwarded to Director, Printing, Stationary & Publication, Odisha Cuttack with a request to publish this resolution in an extra-ordinary issue of Odisha Gazette and supply 100 copies to this Department.

Director, Special Projects 28/01/2025

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
Government of Odisha
Panchayati Raj & D.W. Department

ଓଡ଼ିଶା ସଚିବାଳୟ,
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Secretariat, Sachibalaya Marg,
Bhubaneswar-751 001
Fax. 0674-2391413,
E-mail- prsec.or@nic.in

ସଂଖ୍ୟା - ୨୨୯୧ / ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ତାରିଖ : ୨୮-୦୧-୨୦୨୫
PR-SFC-SCHEME-0006-2024

## ସଂକଳ୍ପପତ୍ର

**ବିଷୟ : ମାର୍ଗଦର୍ଶୀକା "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନା .**

**୧. ପୃଷ୍ଠଭୂମି:**

ଗ୍ରାମୀଣ ଓଡ଼ିଶାର ଜୀବନଧାରଣ ମାନ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗ୍ରାମୀଣ ଭିତ୍ତିଭୂମିର ବିକାଶ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଗ୍ରାମାଞ୍ଚଳର ଭିତ୍ତିଭୂମି ତଥା ରାଜ୍ୟର ସାମଗ୍ରିକ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର "ବିକଶିତ ଗାଁ ବିକଶିତ ଓଡ଼ିଶା" ନାମକ ଏକ ଯୋଜନା ଆରମ୍ଭ କରିଛନ୍ତି । ଦୀର୍ଘସ୍ଥାୟୀ ତଥା ବହୁମୁଖୀ ବିକାଶ ମୂଳକ ପ୍ରକଳ୍ପମାନ କାର୍ଯ୍ୟକାରୀ କରି ଗ୍ରାମୀଣ ଓଡ଼ିଶାର ତ୍ୱରିତ ଅଭିବୃଦ୍ଧି ପାଇଁ ଆବଶ୍ୟକ ଥିବା ଭିତ୍ତିଭୂମିର ବିକାଶ କରିବା ହେଉଛି ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ । ବିଭିନ୍ନ ପ୍ରକାରର ଗ୍ରାମୀଣ ଭିତ୍ତିଭୂମିର ବିକାଶକୁ ଆଗେଇ ନେଇ ଏକ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ଦିଗରେ ଏହା ଏକ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିବ ।

**୨. ଆଭିମୁଖ୍ୟ:**

"ବିକଶିତ ଗାଁ ବିକଶିତ ଓଡ଼ିଶା" ରାଜ୍ୟର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ଅଭିବୃଦ୍ଧିରେ ଗ୍ରାମାଞ୍ଚଳର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରେ । ଏହି ଯୋଜନା ମୁଖ୍ୟତଃ କୃଷି ଏବଂ ଆନୁସଙ୍ଗିକ କାର୍ଯ୍ୟରେ ନିୟୋଜିତ ଥିବା ଗ୍ରାମୀଣ ଜନସାଧାରଣଙ୍କୁ ଓଡ଼ିଶା ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚିତ କରେ । ଗୋଟିଏ ରାଜ୍ୟର ଅର୍ଥନୈତିକ ବିକାଶ ଓ ସାମାଜିକ ଏକୀକରଣ ନିମନ୍ତେ ଗ୍ରାମାଞ୍ଚଳ ଯୋଗାଯୋଗ ବ୍ୟବସ୍ଥାର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାସ୍ତା ସଂଯୋଗ ହୋଇନଥିବା ଗ୍ରାମ / ଜନବସତି ସହିତ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏବଂ ଆନ୍ତଃ ଗ୍ରାମ ଓ ଆଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା ଗୁଡିକର ଉନ୍ନତି କରିବା ପାଇଁ ରାଜ୍ୟ ସରକାର "ବିକଶିତ ଗାଁ ବିକଶିତ ଓଡ଼ିଶା" ଯୋଜନାରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଯୋଜନାରେ ଆବଶ୍ୟକୀୟ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ କରାଯାଇ ସର୍ବ ସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ ଭିତ୍ତିଭୂମିର ନିର୍ମାଣ କରାଯିବାର ପ୍ରାବଧାନ ରହିଛି |

୩. ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ :

୩.୧ ଗ୍ରାମାଞ୍ଚଳ ଓଡ଼ିଶାରେ ରାସ୍ତା, ସେତୁ, ନଳାପୋଲ (କଲଭର୍ଟ) ଇତ୍ୟାଦି ନିର୍ମାଣ (ଉଭୟ ଆନ୍ତଃ ଏବଂ ଆଭ୍ୟନ୍ତରୀଣ ଗ୍ରାମ୍ୟ ରାସ୍ତା) ଏହି ଯୋଜନା ଅଧୀନରେ ନିଆଯିବ। ବିଶେଷକରି ଦୁର୍ବଳ ଆଦିବାସୀ ଗୋଷ୍ଠୀ ବସବାସ କରୁଥିବା ଅଞ୍ଚଳରେ (PVTG) ସଂଯୋଗ ହୋଇନଥିବା ଗ୍ରାମ / ବାସସ୍ଥାନ, ନକ୍ସଲ ପ୍ରାଧାନ୍ୟ, ଦୁର୍ଗମ ପାହାଡ଼ ଅଞ୍ଚଳ ଆଭ୍ୟନ୍ତରୀଣ ଏବଂ ଆନ୍ତ ଗ୍ରାମ ସଡ଼କ ମାଧମରେ ସଂଯୁକ୍ତ କରାଯିବ।

୩.୧.୧ ଜନସଂଖ୍ୟା ଘନତା, ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଭୌଗଳିକ ଆହ୍ୱାନ ଉପରେ ଆଧାର କରି ଉନ୍ନତିକରଣ ଆବଶ୍ୟକ କରୁଥିବା ଗ୍ରାମାଞ୍ଚଳର ସଡକ ଭିତ୍ତିଭୂମି ଗୁଡ଼ିକୁ ପ୍ରକଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯିବ।

୩.୧.୨ ମହାତ୍ମାଗାନ୍ଧୀ ନିଶ୍ଚିତ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ସହିତ ସମ୍ମିଳିତ ହୋଇ ଏବଂ ମୁଣ୍ଡରେ ବୋହି ନିଆଯାଇପାରୁଥିବା ମାଟିର ଉପଲବ୍ଧତାକୁ ନେଇ ଗଠନ ସ୍ତର ପର୍ଯ୍ୟନ୍ତ ଆବଶ୍ୟକ କରୁଥିବା ରାସ୍ତା ନିର୍ମାଣ କରାଯିବ ।

୩.୧.୩ ପିଚୁ ରାସ୍ତା (Black Top), ସିମେଣ୍ଟ କଂକ୍ରିଟ୍ ରାସ୍ତା ଏବଂ ପେଭର୍ ବ୍ଲକ୍ ଭଳି ରାସ୍ତା ନିର୍ମାଣ କରାଯିବ |

୩.୧.୪ ସଂରକ୍ଷିତ ଜଙ୍ଗଲ / ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ଜନବସତି ଏବଂ ଗ୍ରାମଗୁଡ଼ିକରେ ଥିବା ରାସ୍ତା ଗୁଡ଼ିକ ମେଟାଲିଂ ମାନକ ପର୍ଯ୍ୟନ୍ତ ଉନ୍ନତ ହେବ।

୩.୧.୫ ସଡକ ପ୍ରକଳ୍ପ ପାଇଁ ବ୍ୟବହୃତ ହେବାକୁ ଥିବା ପାଣ୍ଠି ସମୁଦାୟ ଆବଣ୍ଟିତ ପାଣ୍ଠିର ପଞ୍ଚତିରିଶ ପ୍ରତିଶତ (35%) ରୁ ଅଧିକ ହେବ ନାହିଁ ।

୩.୧.୬ ଆବଶ୍ୟକତା ଭିତ୍ତିରେ ଏକକ କ୍ରସ୍ ଡ୍ରେନେଜ୍ କାର୍ଯ୍ୟ ସହିତ ଦରକାରୀ ସଂଯୋଗ ରାସ୍ତା ନିର୍ମାଣ କାର୍ଯ୍ୟ ମଧ ହାତକୁ ନିଆଯିବ।

୩.୧.୭ ପାଣ୍ଠି ଏପରି ଭାବରେ ଆବଣ୍ଟିତ ହେବ ଯେ ରାସ୍ତାଗୁଡ଼ିକ ସର୍ବୋତଭାବେ ଆବଣ୍ଟନ ରାଶି ମଧରେ ସମ୍ପୂର୍ଣ୍ଣ ହେବ।

୩.୧.୮ ନିର୍ମାଣ ହେବାକୁ ଥିବା ରାସ୍ତା / ସେତୁ / ନଳାପୋଲ (କଲଭର୍ଟ) ଗୁଡ଼ିକର ନିର୍ଦ୍ଦିଷ୍ଟ ବିବରଣୀ ଏବଂ ଗୁଣାତ୍ମକ ମାନ ନିର୍ଣ୍ଣୟ କରିବାକୁ ଏକ ବିସ୍ତୃତ ବୈଷୟିକ ନିର୍ଦ୍ଦେଶାବଳୀ ଜାରି କରାଯିବ।

୩.୨ ଗ୍ରାମଗୁଡ଼ିକରେ ସର୍ବସାଧାରଣ ସମ୍ପତ୍ତି ଏବଂ ସୁବିଧା ସୁଯୋଗ ଯୋଗାଉଥିବା ପ୍ରକଳ୍ପର ନିର୍ମାଣ

୩.୨.୧ ଆବଶ୍ୟକତା ଅନୁଯାୟୀ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୋଇବା ଘାଟ, ପୋଖରୀ / ନଦୀ କୂଳରେ ପରିଧାନ ପରିବର୍ତ୍ତନ ପ୍ରକୋଷ୍ଠ, ବଜାର ସେଡ୍, ଡ୍ରେନ୍ ନିର୍ମାଣ ପରି ସର୍ବସାଧାରଣ ସମ୍ପତ୍ତିର ନିର୍ମାଣ ।

୩.୨.୨ ସମସ୍ତ ଧର୍ମର ପୂଜାପାଠ ସ୍ଥାନ ଗୁଡ଼ିକରେ ଭକ୍ତ / ତୀର୍ଥଯାତ୍ରୀମାନଙ୍କ ପାଇଁ ମୌଳିକ ସୁବିଧା ଏବଂ ସେବା ଯୋଗାଇବା ପାଇଁ ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ, ସାଂସ୍କୃତିକ କେନ୍ଦ୍ର ଇତ୍ୟାଦି ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବ । ଆବଶ୍ୟକ ସ୍ଥଳେ ଏହିପରି ପ୍ରକଳ୍ପ ନିକଟରେ ଶୌଚାଳୟ ଏବଂ ଜଳ ଯୋଗାଣ ସୁବିଧା ସ୍ୱଚ୍ଛ ଭାରତ ମିଶନ୍ (SBM) ଏବଂ ଜଳ ଜୀବନ ମିଶନ୍ (ଜେଜେଏମ୍) ରୁ ବିକଶିତ କରାଯାଇ ପାରିବ।

୩.୨.୩ ସର୍ବସାଧାରଣ ପୋଖରୀ ଏବଂ ଜଳ ଅମଳ ସଂରଚନାର ନିର୍ମାଣ ଏବଂ ନବୀକରଣ ପ୍ରକଳ୍ପ ଗ୍ରହଣ କରାଯିବ ।

୩.୩ ଶିକ୍ଷା ପାଇଁ ଭିତ୍ତିଭୂମିର ଉନ୍ନତିକରଣ ।

୩.୩.୧ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଆଧୁନିକୀକରଣ ଏବଂ ବିଦ୍ୟମାନ ଭିତ୍ତିଭୂମିର ସମ୍ପ୍ରସାରଣ କାର୍ଯ୍ୟ ଗ୍ରହଣ କରାଯିବ ।

୩.୩.୨ ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଏବଂ ଅନ୍ୟ ଜନବହୁଳ ଅଞ୍ଚଳରେ ବିଦ୍ୟୁତ୍ ଏବଂ ଇଣ୍ଟରନେଟ୍ ସୁବିଧା ସହିତ ଛୋଟ ଛୋଟ ଟେବୁଲ୍ ଏବଂ ଚେୟାର୍ ଥିବା ପଠନ ଗୃହ (Cubicle) ନିର୍ମାଣ କରାଯିବ । ଏହି ପଠନ ଗୃହ ଗୁଡ଼ିକ ସକାଳ ୯ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଖୋଲା ରହିବ । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ନାମମାତ୍ର ଦେୟ ପ୍ରଦାନ କରି ଏହି ପଠନ ଗୃହରେ ପଢ଼ିବା ପାଇଁ ଅନୁମତି ଦିଆଯିବ ।

୩.୪ କ୍ରୀଡ଼ା ଭିତ୍ତିଭୂମିର ବିକାଶ/ନିର୍ମାଣ ନିମନ୍ତେ ଛୋଟ ବାହ୍ୟ ଖେଳ ଏବଂ ଶାରୀରିକ ବ୍ୟାୟାମ ହୋଇପାରୁଥିବା କାର୍ଯ୍ୟକଳାପ ଯଥା ଲଙ୍ଗଜମ୍ପ ଏବଂ ହାଇଜମ୍ପ ପିଟ୍, ରୋପ୍ କ୍ଲାଇମ୍ବିଂ, ମଙ୍କି ହ୍ୟାଙ୍ଗିଙ୍ଗ୍ ଆନୁଭୂମିକ ବାର୍ ଏବଂ ଏଭଳି ସ୍ୱଳ୍ପ ମୂଲ୍ୟର ଅଭିନବ ସୁବିଧାର ବିକାଶ କରାଯିବ ।

୩.୫ ଆବଶ୍ୟକତା ଭିତ୍ତିରେ କ୍ଷୁଦ୍ର ପର୍ଯ୍ୟଟନ (Micro Tourism) ସ୍ଥଳ ଗୁଡ଼ିକର ଉନ୍ନତି ମଧ୍ୟ ଏହି ଯୋଜନା ଅଧୀନରେ କରାଯାଇପାରିବ |

୩.୬ ଜନ ସମୁଦାୟ ବ୍ୟବହାର ଉପଯୋଗୀ ନୂତନ ଅଭିନବ ପ୍ରକଳ୍ପ ପାଇଁ ସମୁଦାୟ ଅନୁମୋଦିତ ରାଶିର ସର୍ବାଧିକ ୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇପାରିବ ।

୩.୭ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ସମାନ ପ୍ରକାରର ପ୍ରକଳ୍ପଗୁଡିକୁ ଏହି ଯୋଜନା ଅଧୀନରେ ସଂଯୋଗ କରାଯାଇପାରିବ |

୩.୮ ୩ ଲକ୍ଷ ଟଙ୍କାରୁ କମ୍ ବ୍ୟୟ ଅଟକଳ ଥିବା ପ୍ରକଳ୍ପକୁ ଗ୍ରହଣ କରାଯିବ ନାହିଁ ।

୩.୯ ପୂର୍ବରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' (AONO ) ଅଧୀନରେ ଗ୍ରହଣ କରାଯାଇଥିବା ପ୍ରକଳ୍ପଗୁଡ଼ିକ , ଯେଉଁଥିରେ ସର୍ବନିମ୍ନ ୨୦ % (କୋଡିଏ ପ୍ରତିଶତ) ବ୍ୟୟ କରାଯାଇଛି ତାହା ଏହି ଯୋଜନା ଅଧୀନରେ ସମ୍ପୂର୍ଣ୍ଣ କରାଯିବ ।

**୪. ଗ୍ରହଣୀୟତା**

ଯୋଗ୍ୟ ପ୍ରକଳ୍ପଗୁଡିକ ନିମ୍ନଲିଖିତ ମାନଦଣ୍ଡ ପୂରଣ କରିବା ଜରୁରୀ:

୪.୧ ପ୍ରକଳ୍ପଟି ବିକାଶମୂଳକ ହେବା ଉଚିତ୍ ।

୪.୨ ପ୍ରକଳ୍ପର ବାରମ୍ବାର ଖର୍ଚ୍ଚ (Recurring expenditure) ଗ୍ରହଣୀୟ ନୁହେଁ ।

**୫. ବିତ୍ତୀୟ ଆବଣ୍ଟନ :**

ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବା ଏବଂ ଅନୁନ୍ନତ ଓ ଅବହେଳିତ ଅଞ୍ଚଳରେ ସମାନ ଭାବରେ ବିକାଶକୁ ସୁନିଶ୍ଚିତ କରିବା ନିମନ୍ତେ ନୀତିଗତଭାବେ ପାଣ୍ଠିର ଆବଣ୍ଟନ କରାଯିବ ।

୫.୧ ଜିଲ୍ଲା ପରିଷଦକୁ ପାଣ୍ଠି ପ୍ରଦାନ କରାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଅର୍ଥ ଜିଲ୍ଲା ପରିଷଦ ମାଧ୍ୟମରେ ବ୍ଲକ କିମ୍ବା ଗ୍ରାମ ପଞ୍ଚାୟତକୁ ସମ୍ପୃକ୍ତ ବ୍ଲକ / ଗ୍ରାମ ପଞ୍ଚାୟତର ଜନସଂଖ୍ୟା ଆଧାରରେ ବଣ୍ଟନ କରାଯିବ ।

୫.୨ ମଞ୍ଜୁର ହୋଇଥିବା ଅର୍ଥରାଶିର ୪୦ ପ୍ରତିଶତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବ୍ଲକ ପାଇଁ ଉଦ୍ଦିଷ୍ଟ ।

୫.୩ ଆବଣ୍ଟିତ ହୋଇଥିବା ଅର୍ଥରାଶି ବ୍ୟବହାର କରି ପ୍ରକଳ୍ପ କାର୍ଯ୍ୟ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ କରାଯିବାକୁ ଏଥିରେ ସୁନିଶ୍ଚିତ କରାଯିବ ।

**୬. ପାଣ୍ଠି ବ୍ୟବସ୍ଥା**

୬.୧ ଏହି ରାଜ୍ୟ ନିର୍ଦ୍ଦିଷ୍ଟ ଯୋଜନା ନିମନ୍ତେ ବ୍ୟୟ ବରାଦ ରାଜ୍ୟ ବଜେଟରୁ ପ୍ରଦାନ କରାଯିବ ।

୬.୨ ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକ ବଜେଟର ବ୍ୟବସ୍ଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କରାଯିବ ।

୭. **ପ୍ରକଳ୍ପର ଚୟନ:**

ଗ୍ରାମସଭାରୁ ଆରମ୍ଭ କରି ସମସ୍ତଙ୍କ ସହଭାଗିତାରେ ସର୍ବସାଧରଣଙ୍କ ପ୍ରକୃତ ଆବଶ୍ୟକତାଗୁଡିକୁ ପୂରଣ କରିପାରୁଥିବା ପ୍ରକଳ୍ପଗୁଡିକର ଚୟନ କରାଯିବ ।

୭.୧ ଆବଶ୍ୟକତା ଭିତ୍ତିରେ ପାଞ୍ଚ ବର୍ଷ ପାଇଁ ସମ୍ଭାବ୍ୟ ପ୍ରକଳ୍ପ ତାଲିକା ଗ୍ରାମସଭା ମାଧ୍ୟମରେ ପ୍ରସ୍ତୁତ ହେବା ପରେ ଗ୍ରାମପଞ୍ଚାୟତ ଦ୍ୱାରା ବ୍ଲକକୁ ସୁପାରିଶ କରାଯିବ ।

୭.୨ ଏହି ପଞ୍ଚବାର୍ଷିକ ସମ୍ଭାବ୍ୟ ପ୍ରକଳ୍ପ ତାଲିକା ଆଧାରରେ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ବ୍ଲକ ଦ୍ୱାରା ପ୍ରସ୍ତୁତ କରାଯିବ।

୭.୩ ସମ୍ଭାବ୍ୟତା, ଗ୍ରହଣୀୟତା ଏବଂ ଆର୍ଥିକ ସୀମାକୁ ଆଧାର କରି ବ୍ଲକ ସ୍ତରୀୟ ବୈଷୟିକ କମିଟି ଦ୍ୱାରା ପ୍ରକଳ୍ପ ତାଲିକାକୁ ଯାଞ୍ଚ କରାଯିବ ।

୭.୪ ଯାଞ୍ଚ ହୋଇଥିବା ପ୍ରକଳ୍ପ ତାଲିକାକୁ ପଞ୍ଚାୟତ ସମିତି ଅନୁମୋଦନ କରିବା ପରେ ଏହି ପ୍ରକଳ୍ପ ତାଲିକା ସମ୍ପୃକ୍ତ ଜିଲ୍ଲାପାଳ ଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରାଯିବ ।

୮. **କର୍ତ୍ତୃପକ୍ଷଙ୍କ ଅନୁମୋଦନ**

୮.୧ ପଞ୍ଚବାର୍ଷିକ ଯୋଜନା, ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ପଞ୍ଚାୟତ ସମିତି ଦ୍ୱାରା ଦାଖଲ କରାଯାଇଥିବା ପ୍ରକଳ୍ପ ତାଲିକାଗୁଡିକ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦିତ ହେବ ।

୮.୨ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ ୨୦୦୨ ଏବଂ ସମୟାନୁସାରେ ହୋଇଥିବା ସଂଶୋଧନ ଅନୁଯାୟୀ ପ୍ରଶାସନିକ ଏବଂ ବୈଷୟିକ ମଞ୍ଜୁର ପ୍ରଦାନ କରାଯିବ ।

୯. **ପାଣି ମଞ୍ଜୁର ଓ ପ୍ରଦାନ**

୯.୧ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପର୍ସନାଲ୍ ଲେଜର (ପି. ଏଲ୍ ) ଆକାଉଣ୍ଟରେ ଅର୍ଥ ଜମା କରାଯିବ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରାଣ୍ଟ-ଇନ-ଏଡ ବିଲ ପୈଠ କରି ଏହି ଅର୍ଥକୁ ବିନିଯୋଗ କରିପାରିବେ ।

୯.୨ ଆଇ.ଇ.ସି (IEC) କାର୍ଯ୍ୟକଳାପ ଯେପରିକି ସଭା ଆୟୋଜନ, ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପର ଫଟୋଗ୍ରାଫ୍ ନେବା , ଡାଟା ଏଣ୍ଟ୍ରି , ଗମନାଗମନ ଖର୍ଚ୍ଚ , ଏମ୍. ଆଇ.ଏସ୍ (MIS), ୱେବ୍ ପୋର୍ଟାଲର ବିକାଶ, ପି.ଏମ୍. ୟୁ (PMU), କମ୍ପ୍ୟୁଟର, ସ୍କାନର୍ ଏବଂ ଫଟୋ କପିଅର୍ କ୍ରୟ, ସାମାଜିକ ସମୀକ୍ଷା , ସାଇଟ୍ ଯାଞ୍ଚ ଇତ୍ୟାଦି ଉପଯୁକ୍ତ ଆର୍ଥିକ ନିୟମାବଳୀ ଅନୁସରଣ କରି ବିଭାଗୀୟ ଆଇ.ଇ.ସି (IEC) ବଜେଟ୍ ହେଡ୍ ରୁ ପୂରଣ ହେବ |

୯.୩ ବିଶେଷ ପରିସ୍ଥିତରେ ଏହି ବିତ୍ତୀୟ ଆବଣ୍ଟନକୁ କୋହଳ କରିବାର କ୍ଷମତା ସରକାରଙ୍କ ପାଖରେ ରହିଛି ।

**୧୦. ପ୍ରକଳ୍ପଗୁଡିକର କାର୍ଯ୍ୟାନ୍ୱୟନ**

୧୦.୧ କାର୍ଯ୍ୟକାରୀ ସଂସ୍ଥା ଚୟନ

୧୦.୧.୧ ପଞ୍ଚାୟତ ସମିତି ଆକାଉଣ୍ଟିଂ ପ୍ରକ୍ରିୟା ନିୟମାବଳୀ ୨୦୦୨ ଏବଂ ସମୟାନୁସାରେ ହୋଇଥିବା ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ପଞ୍ଚାୟତ ସମିତି ପ୍ରକଳ୍ପ ଗୁଡିକୁ କାର୍ଯ୍ୟକାରୀ କରିବ ।

୧୦.୧.୨ ପ୍ରକଳ୍ପ ଗୁଡିକୁ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳମାନେ ଉପଯୁକ୍ତ ସଂସ୍ଥା(agency) ଚୟନ କରିବେ । ପ୍ରକଳ୍ପର ପରିସମାପ୍ତି ପରେ ଏହାର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲାପାଳ ଉପଯୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବେ ।

୧୦.୧.୩ ବିଭାଗୀୟ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ସମାନୁପାତିକ (pro rata) ଦେୟ ପ୍ରଯୁଜ୍ୟ ନୁହେଁ ।

୧୦.୨ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରୀତାରେ OPWD codeର ଅନୁସରଣ କରାଯିବ ।

୧୦.୩ ଗ୍ରହଣ କରାଯାଇଥିବା ପ୍ରକଳ୍ପର ବୈଷୟିକ ସହାୟତା, ଡିଜାଇନ୍ ଏବଂ ନିର୍ଦ୍ଦିଷ୍ଟତା ପାଇଁ, ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶାବଳୀ ଅନୁସରଣ କରାଯିବ।

**୧୧. ତଦାରଖ ଓ ପର୍ଯ୍ୟବେକ୍ଷଣ**

୧୧.୧ ଏହି ଯୋଜନାର ଉପଯୁକ୍ତ କାର୍ଯ୍ୟକାରୀତା ନିମନ୍ତେ ରାଜ୍ୟ ତଥା ଜିଲ୍ଲା ସ୍ତରରେ ନିୟମିତ ତଦାରଖ ଓ ପର୍ଯ୍ୟବେକ୍ଷଣ କରାଯିବ ।

୧୧.୨ ଜିଲ୍ଲାପାଳ ମାନେ ଜିଲ୍ଲା ସ୍ତରରେ ହେଉଥିବା କାର୍ଯ୍ୟର ଅଗ୍ରଗତିର ତଦାରଖ ଓ ପର୍ଯ୍ୟବେକ୍ଷଣ ଦାୟିତ୍ୱରେ ରହିବେ ।

୧୧.୩ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରୀତାର ସମୀକ୍ଷା ଓ ତଦାରଖରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିବେ ।

୧୧.୪ ପାଣ୍ଠି ବିନିଯୋଗ ଓ କାର୍ଯ୍ୟର ଅଗ୍ରଗତି ବାବଦରେ ଜିଲ୍ଲାପାଳ ନିୟମିତ ଭାବେ ସମୀକ୍ଷା କରିବେ ।

୧୧.୫ "ବିକଶିତ ଗାଁ ବିକଶିତ ଓଡ଼ିଶା" ଅନ୍ତର୍ଗତ ପ୍ରତ୍ୟେକ ପ୍ରକଳ୍ପର ସଠିକ ତଦାରଖ ଓ ପର୍ଯ୍ୟବେକ୍ଷଣ ନିମନ୍ତେ ସାମାଜିକ ସମୀକ୍ଷାର ପ୍ରାବଧାନ ରହିବ ।

## ୧୨. ଉତ୍ତରଦାୟିତ୍ୱ

ଏହି ଯୋଜନା ଅଧୀନରେ ସୃଷ୍ଟି ହୋଇଥିବା ସ୍ଥାୟୀ ସମ୍ପତ୍ତି ମୁଖ୍ୟତଃ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ। ତେଣୁ ଜନ ସମୁଦାୟ ଉପରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନ, କାର୍ଯ୍ୟର ଗୁଣବତ୍ତା, ସୃଷ୍ଟି ହୋଇଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ନ୍ୟସ୍ତ ରହିବ ।

## ୧୩. ପାଣ୍ଠି ବିନିଯୋଗ

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ , ଜିଲ୍ଲା ପରିଷଦ ପ୍ରତି ତିନି ମାସରେ ଜିଲ୍ଲାପାଳଙ୍କ ପ୍ରତିସ୍ୱାକ୍ଷରିତ ହୋଇଥିବା ବିନିଯୋଗ ପ୍ରମାଣପତ୍ରକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଦାଖଲ କରିବା ସହ ପ୍ରତ୍ୟେକ କାର୍ଯ୍ୟର ଅଗ୍ରଗତି ବାବଦରେ ପ୍ରତ୍ୟେକ ମାସରେ ତଥ୍ୟ (MIS Report) ପ୍ରଦାନ କରିବେ ।

## ୧୪. ସ୍ୱଚ୍ଛତା

୧୪.୧ ସଠିକ ସମୟରେ ଉପଯୁକ୍ତ ତଦାରଖ ନିମନ୍ତେ ଏକ ୱେବ ଆଧାରିତ ଏମଆଇଏସ (MIS) ଏବଂ ମୋବାଇଲ ଆପ୍ (MOBILE APP) ବିକଶିତ କରାଯିବ ।

୧୪.୨ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ଯଥା କାର୍ଯ୍ୟାରମ୍ଭ ପୂର୍ବରୁ, କାର୍ଯ୍ୟକାରୀତା ସମୟରେ ଏବଂ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ମୋବାଇଲ ଆପ୍ ମାଧ୍ୟମରେ ଜିଓ-ଟ୍ୟାଗ କରାଯାଇ ୱେବ ପୋର୍ଟାଲରେ ଅପଲୋଡ କରାଯିବ ।

୧୪.୩ ରାଜ୍ୟ ସରକାରଙ୍କର ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପାଖରେ ଆବଶ୍ୟକୀୟ ସ୍ପଷ୍ଟୀକରଣ ଜାରି କରିବାର ଏବଂ ଆବଶ୍ୟକ ସମୟରେ ନିର୍ଦ୍ଦେଶାବଳୀକୁ ସଂଶୋଧନ/ପରିବର୍ତ୍ତନ କରିବାର କ୍ଷମତା ରହିବ। ଏହି ନିର୍ଦ୍ଦେଶାବଳୀ ତୁରନ୍ତ କାର୍ଯ୍ୟକାରୀ ହେବ।

**ଆଦେଶ**

ଓଡ଼ିଶା ଗେଜେଟର ଏକ ସ୍ୱତନ୍ତ୍ର ସଂଖ୍ୟାରେ ଏହି ସଂକଳ୍ପଟି ପ୍ରକାଶ କରିବା ସହ ଏହାର ଏକକିତା ନକଲ ସମସ୍ତ ସରକାରୀ ବିଭାଗ, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଏବଂ ଅନ୍ୟ ସଂପୃକ୍ତ ବିଭାଗର ସୂଚନାର୍ଥେ ଏହାକୁ ପ୍ରେରଣ କରିବାକୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଗଲା ।

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
କମିଶନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା ୨୨୭୨ /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା ୨୫.୦୧.୨୫ ରିଖ

ଏହାର ଏକକିତା ନକଲ ବ୍ୟକ୍ତିଗତ ସଚିବ, ମାନ୍ୟବର ମୁଖ୍ୟମନ୍ତ୍ରୀ/ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ /ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ/ମୁଖ୍ୟ ସଚିବ / ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ/ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ/ ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ /ମୁଖ୍ୟ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଜ୍ଞାପକ ସଂଖ୍ୟା ୨୨୭୩ /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା ୨୫.୦୧.୨୫ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ/ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଜ୍ଞାପକ ସଂଖ୍ୟା 2294 /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା 28.01.25 ରିଖ

ଏହାର ଏକକିତା ନକଲ ସରକାରଙ୍କ ସମସ୍ତ ବିଭାଗ/ବିଭାଗୀୟ ମୁଖ୍ୟଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଜ୍ଞାପକ ସଂଖ୍ୟା 2295 /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା 28.01.25 ରିଖ

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ କମିଶନର/ ସମସ୍ତ ଜିଲ୍ଲାପାଳ/ ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ / ସମସ୍ତ ବିଡିଓଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଜ୍ଞାପକ ସଂଖ୍ୟା 2296 /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା 28.01.25 ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମସ୍ତ ଅଫିସର/ ସମସ୍ତ ଉପବିଭାଗକୁ (ଗାର୍ଡ ଫାଇଲ ୧୦ ନକଲ ) ସେମାନଙ୍କ ଗୋଚରାର୍ଥେ ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଜ୍ଞାପକ ସଂଖ୍ୟା 2297 /ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତା 28.01.25 ରିଖ

ଏହାର ଏକକିତା ନକଲ ନିର୍ଦ୍ଦେଶକ, ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ, କଟକ ଓଡିଶାଙ୍କୁ ପରବର୍ତ୍ତୀ ଅତିରିକ୍ତ ସାଧାରଣ ପ୍ରସଙ୍ଗରେ ପ୍ରକାଶ ସହିତ ବିଭାଗକୁ ୧୦୦ କପି ଯୋଗାଇବା ନିମନ୍ତେ ଅନୁରୋଧ କରାଗଲା ।

ନିର୍ଦ୍ଦେଶକ, ସ୍ୱତନ୍ତ୍ର ପ୍ରକଳ୍ପ

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

**Government of Odisha**
**Panchayati Raj & D.W Department**

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧

Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax.0674 – 2391413
E-mail-prsec.or@nic.in

**No.** PT4-PR-SFC-SCHEME-0006-2024 8142 **Date:** 25.03.2025

## Corrigendum

Sub- Corrigendum to "**Guidelines under Bikashita Gaon Bikashita Odisha" Scheme.**

In supersession of this Department Resolution (Addendum) No. 6765 dated 11.03.2025, the Sub-Para 8.3 under Para 8 "Approving Authority" of the Guidelines under "Bikashita Gaon Bikashita Odisha (BGBO)" Scheme is replaced with the following Sub-Para with immediate effect.

"**8.3** Collector, while according approval of the list of projects under BGBO, if notices that some need-based projects are left out in the Annual Action Plan, may include such projects therein. Further if some need based projects are recommended by Hon'ble MLAs which are not in the list of projects, then the Collector is also empowered to include such projects in the Annual Action Plan. However, the projects should satisfy all the eligibility criteria mentioned in the guideline and the total cost of such projects should not exceed 40% of the total allotment made to the Block/GP in a FY."

All other terms and conditions as stipulated in the Guidelines of BGBO Scheme shall stand unaltered.

By the order of Governor,

Commissioner-cum- Secretary to Govt.

MemoNo. 8143 /PR& DW, Date: 25.03.2025

Copy forwarded to the Private Secretary to Hon'ble Chief Minister/ Hon'ble Minister, Panchayati Raj & Drinking Water, Odisha / All other Hon'ble Ministers / Chief Secretary, Odisha / Development-Commissioner-cum-ACS for kind information of Hon'ble Chief Minister/ Hon'ble Minister, Panchayati Raj & Drinking Water Department/ all other Hon'ble Ministers/ Chief Secretary, Odisha / Development-Commissioner-cum-ACS.

25/03/2025
Addl. Secretary to Government

P.T.O

Memo No. 8144 / PR & DW, Date: 25.03.2025

Copy forwarded to the Private Secretary to Commissioner-cum-Secretary, Panchayati Raj & Drinking Water Department for kind information of Commissioner-cum-Secretary, Panchayati Raj & Drinking Water Department/ All Directors and Departmental officers of Panchayati Raj & Drinking Water Department for kind information.

Addl. Secretary to Government

Memo No. 8145 / PR & DW, Date: 25.03.2025

Copy forwarded to All Departments of Government/ All other Heads of Departments for kind information & necessary action.

Addl. Secretary to Government

Memo No. 8146 / PR & DW, Date: 25.03.2025

Copy forwarded to All RDCs/All Collectors/ All CDOs-cum-Eos, Zilla Parishad/All BDOs for kind information & necessary action.

Addl. Secretary to Government

Memo No. 8147 / PR & DW, Date: 25.03.2025

Copy forwarded to all Branch Officers / all Sections of Panchayati Raj & Drinking Water Department (Guard files (10 copies)) for kind information & necessary action.

Addl. Secretary to Government

Memo No. 8148 / PR & DW, Date: 25.03.2025

Copy forwarded to Director, Printing, Stationary & Publication, Odisha Cuttack with a request to publish this resolution in an extra-ordinary issue of Odisha Gazette and supply 100 copies to this Department.

Addl. Secretary to Government

By Regd Post/Email/Fax

13
11 despatch
Any
11-3-25

ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & D.W Department**

ଓଡ଼ିଶା ଲୋକସେବା ଭବନ
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan,
Sachibalaya Marg,
Bhubaneswar – 751001
Fax 0674 – 2391413
E-mail-prsec.or@nic.in

**No.** PT3-PR-SFC-SCHEME-0006-2024 6765 **Date:** 11.03.2025

## Resolution (Addendum)

Sub- **Guidelines for "Bikashita Gaon Bikashita Odisha" Scheme**

In continuation to this Department Resolution No. 2291 dated 28.01.2025 , the following Sub-Para is inserted under Sub-Para 8.2 of Para -8 "Approving Authority" with immediate effect.

**8.3** Collector, while according approval of the list of projects under BGBO, if notices that some need-based projects are left out in the Annual Action Plan, may include such projects therein. Further if some need based projects are recommended by Hon'ble MPs/ Hon'ble MLAs/ Senior Government officials which are not in the list of projects, then the Collector is also empowered to include such projects in the Annual Action Plan. However, the projects should satisfy all the eligibility criteria mentioned in the guideline and the total cost of such projects should not exceed 20% of the total allotment made to the Block/GP in a FY.

All other terms and conditions as stipulated in the aforementioned Resolution shall stand unaltered.

By the order of Governor,

10/3/25
Commissioner-cum- Secretary to Govt.

MemoNo. 6766 /PR& DW, Date: 11.03.2025

Copy forwarded to the Private Secretary to Hon'ble Chief Minister/ Hon'ble Minister, Panchayati Raj & Drinking Water, Odisha / All other Hon'ble Ministers / Chief Secretary, Odisha / Development-Commissioner-cum-ACS for kind information of Hon'ble Chief Minister/ Hon'ble Minister, Panchayati Raj & Drinking Water Department/ all other Hon'ble Ministers/ Chief Secretary, Odisha / Development-Commissioner-cum-ACS.

10/3/25
Addl. Secretary to Government

Memo No. 6767 / PR & DW, Date: 11.03.2025

Copy forwarded to the Private Secretary to Commissioner-cum-Secretary, Panchayati Raj & Drinking Water Department for kind information of Commissioner-cum-Secretary, Panchayati Raj & Drinking Water Department/ All Directors and Departmental officers of Panchayati Raj & Drinking Water Department for kind information.

Addl. Secretary to Government

Memo No. 6768 / PR & DW, Date: 11.03.2025

Copy forwarded to All Departments of Government/ All other Heads of Departments for kind information & necessary action.

Addl. Secretary to Government

Memo No. 6769 / PR & DW, Date: 11.03.2025

Copy forwarded to All RDCs/All Collectors/ All CDOs-cum-Eos, Zilla Parishad/All BDOs for kind information & necessary action.

Addl. Secretary to Government

Memo No. 6770 / PR & DW, Date: 11.03.2025

Copy forwarded to all Branch Officers / all Sections of Panchayati Raj & Drinking Water Department (Guard files (10 copies)) for kind information & necessary action.

Addl. Secretary to Government

Memo No. 6771 / PR & DW, Date: 11.03.2025

Copy forwarded to Director, Printing, Stationary & Publication, Odisha Cuttack with a request to publish this resolution in an extra-ordinary issue of Odisha Gazette and supply 100 copies to this Department.

Addl. Secretary to Government